# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 August – 2026

***********************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ମହାକାଶ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ; କହିଲେ ପ୍ରଧାନମନ୍ତ୍ରୀ

— ଚନ୍ଦ୍ରଯାନ-୩ର ସଫଳତାକୁ ସ୍ମରଣ ଆଜି ପାଳନ କରାଯାଉଛି 'ଜାତୀୟ ମହାକାଶ ଦିବସ'

- ଭୁବନେଶ୍ୱରରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୬

- ଆସନ୍ତା ସପ୍ତାହରେ ପୁଣି ଥରେ ଆରମ୍ଭ ହେବ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ; ପ୍ରଭାବରେ ରାଜ୍ୟର ୫ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା

# ଜାତୀୟ ମହାକାଶ ଦିବସ

ଚନ୍ଦ୍ରଯାନ-୩ର ସଫଳତାକୁ ସ୍ମରଣ କରି ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି। ୨୦୨୩ ମସିହା ଆଜିର ଦିନରେ ଚନ୍ଦ୍ରଯାନ ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ସୁରକ୍ଷିତ ଏବଂ ସହଜ ଅବତରଣ କରିଥିଲା। ଏଥିରେ ସମାଜ ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗଭୀର ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି ।

ଜାତୀୟ ମହାକାଶ ଦିବସ ଅବସରରେ **ଉପରାଷ୍ଟ୍ରପତି** ସିପି ରାଧାକ୍ରିଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଉପରାଷ୍ଟ୍ରପତି କହିଛନ୍ତି, ଭାରତର ମହାକାଶ ଉପଲବ୍ଧି ବୈଜ୍ଞାନିକ ସାମର୍ଥ୍ୟ, ନବସୃଜନ ଓ ଜ୍ଞାନର ପରିସରକୁ ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ନିରନ୍ତର ଭାବେ ମହାକାଶ କ୍ଷେତ୍ରରେ ଅଗ୍ରସର ହେଉଛି। ସେ କହିଛନ୍ତି, ଦେଶର ଯୁବ ଇଞ୍ଜିନିୟର, ଡିଜାଇନର ଏବଂ ବୈଜ୍ଞାନିକମାନେ ନୂତନ ପ୍ରଯୁକ୍ତିବିଦ୍ୟା ବିକାଶ କରିବା କ୍ଷେତ୍ରରେ ସଫଳତା ହାସଲ କରୁଛନ୍ତି।

ଭାରତର ଘରୋଇ ମହାକାଶ କ୍ଷେତ୍ର ଏବଂ ଏଥିସହିତ ଜଡିତ ପ୍ରତିଭା ସାରା ବିଶ୍ୱରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରି ପାରିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ କ୍ଷେତ୍ରରେ ମହାକାଶ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଏକ ସ୍ୱତନ୍ତ୍ର ଉତ୍ସବରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ବିଷୟ ସ୍ମରଣ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ଦେଶକୁ ସଫଳତା ଦେଇଛି।

**- V/O -(PM**

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇ କହିଛନ୍ତି, ମହାକାଶ କ୍ଷେତ୍ରରେ ଭାରତର ଗୌରବମୟ ଯାତ୍ରା ଦେଶର ବୈଜ୍ଞାନିକ ଓ ଇଞ୍ଜିନିୟରଙ୍କ ଦୂରଦୃଷ୍ଟି, ନବସୃଜନ ଏବଂ ଦୃଢ ସଂକଳ୍ପର ଜ୍ୱଳନ୍ତ ଉଦାହରଣ। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ଭାରତର ଅନ୍ୱେଷଣ, ନବସୃଜନ ଏବଂ ବୈଜ୍ଞାନିକ ଉତ୍କର୍ଷତାର ଅଦମ୍ୟ ଭାବନାକୁ ଆଜି ଦେଶ ପାଳନ କରୁଛି।

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୬

ପୌରସଂସ୍ଥାଗୁଡ଼ିକ ପାଇଁ ସାମଗ୍ରିକ ସମୀକ୍ଷା ଓ ଅନୁସ୍ଥାପନ କାର୍ଯ୍ୟକ୍ରମ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୬' ଆଜି ଅନୁଷ୍ଠିତ ହେବ। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ, ଯୋଜନାକାରୀ, ପୌରପ୍ରତିନିଧି ଓ ଯନ୍ତ୍ରୀମାନେ ବିଭିନ୍ନ ଯୋଜନାର ସମୀକ୍ଷା କରି ସମସ୍ୟା ସଂପର୍କରେ ଆଲୋଚନା କରିବେ। କାର୍ଯ୍ୟକ୍ରମକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।

## ଚାଷୀ ପଞ୍ଜୀକରଣ

ରାଜ୍ୟରେ ଆଗାମୀ ଖରିଫ୍ ଋତୁ ନିମନ୍ତେ ଧାନ ବିକ୍ରୟ ଲାଗି ପଞ୍ଜୀକରଣ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୫୯ ହଜାର ୩୮୨ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ **ନୂଆପଡ଼ା** ଜିଲ୍ଲାରେ ୨୬ ହଜାର ୯୪୦ ଜଣ ଚାଷୀ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି। ଗତବର୍ଷ ରାଜ୍ୟରେ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ପଞ୍ଜୀକରଣ କରିଥିଲେ।

## ଭାସମାନ ଜେଟି

**ନବରଙ୍ଗପୁର** ଜିଲ୍ଲା ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ଜେଟି ପ୍ରକଳ୍ପ ନିର୍ମାଣ ଲାଗି ରାଜ୍ୟ ସରକାର ଦେଢ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆଗାମୀ ଦିନରେ ଏହି ପ୍ରକଳ୍ପ ସହାୟତାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବା ସହ ୩୦୦ ରୁ ଅଧିକ ମତ୍ସ୍ୟଚାଷୀ ଉପକୃତ ହେବେ। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଏହି ପ୍ରକଳ୍ପ ସହାୟକ ହେବ। ସୂଚନା ଅନୁଯାୟୀ, ଏହି ପ୍ରକଳ୍ପ ୨୫ ମିଟର ଲମ୍ବ ଓ ୭ ମିଟର ଓସାର ଏବଂ ଅନ୍ୟ ଏକ ପାର୍ଶ୍ୱରେ ୧୫ ମିଟର ଲମ୍ବ ଓ ୬ ମିଟର ଓସାରର ପ୍ଲାଷ୍ଟିକ କ୍ୟୁବ୍‌ରେ ଭାସମାସ ଜେଟି ନିର୍ମାଣ ହେବ।

# ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ଆସନ୍ତା ୩୧ ତାରିଖରୁ ୨ ଦିନ ପର୍ଯ୍ୟନ୍ତ କରାଯିବ । ରାଜ୍ୟ ସରକାରଙ୍କ ଅନୁମୋଦିତ

ମାର୍ଗଦର୍ଶିକା ଆଧାରରେ ଗଣତି ହେବ । ଏଥିପାଇଁ ଅପରାହ୍ନ ୪ଟାରୁ ସନ୍ଧ୍ୟାଧୂପ ଶେଷ ହେବା ପର୍ଯ୍ୟନ୍ତ ଭିତର କାଠଦର୍ଶନ ବନ୍ଦ ରହିବ । ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ମାର୍ଚ୍ଚ ୨୫ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା ।

## ରବି ନାରାୟଣ ନାୟକ

ସାଳନ୍ଦୀ ଓ ନାଳିଆ ନଦୀର ବନ୍ୟାଜଳ ଯୋଗୁଁ **ଭଦ୍ରକ** ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ଅନୁଧ୍ୟାନ ପାଇଁ  ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସାଂସଦ ଅଭିମନ୍ୟୁ ସେଠୀ ଘଟଣାସ୍ଥଳରେ ପହଂଚି କ୍ଷୟକ୍ଷତି ଓ ଜନସାଧାରଣଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ବିଷ୍ଣୁପୁର, ଅନ୍ନପାଳ, ସୁସୁଆ, ରାଜୁଆଳିବିନ୍ଧା ଓ ରାଜମୁକୁନ୍ଦପୁର ଅଂଚଳରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**- V/O -**

ଘାଇ ହୋଇଥିବା ସ୍ଥାନଗୁଡ଼ିକୁ ମନ୍ତ୍ରୀ ବୁଲି ଦେଖିବା ସହ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ।

## ଜଳସ୍ତର

**ନବରଙ୍ଗପୁର** ଜିଲ୍ଲାରେ  ଲଗାଣ ବର୍ଷା ଯୋଗୁଁ ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର, ନନ୍ଦାହାଣ୍ଡି, ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକ୍ ପ୍ରଭାବିତ ହୋଇଛି । ଜିଲ୍ଲାରେ ଆଜି ସକାଳସୁଦ୍ଧା ୯୯ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ଜିଲ୍ଲାର ପ୍ରମୁଖ ନଦୀ ଇନ୍ଦ୍ରାବତୀ, ଭାସ୍କେଲ, ଟୁରୀ, ଗୁଣ୍ଡାକ, ଅଙ୍ଗୀ ଓ ତେଲ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ସହରର ମୁଖ୍ୟ ରାସ୍ତାଉପରେ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଯାତାୟାତରେ ଅସୁବିଧା ଦେଖାଦେଇଛି । ସୂଚନା ଅନୁଯାୟୀ, ୫୫ ଜଣଙ୍କୁ ବନ୍ୟା ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର କରାଯାଇଛି । ଖାତିଗୁଡ଼ାଠାରେ ଥିବା ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଜଳଭଣ୍ଡାରରେ ଜଳସ୍ତର ୬୩୫ ମିଟରରୁ ଅଧିକ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବନ୍ୟା-କେନ୍ଦ୍ରାପଡା

**କେନ୍ଦ୍ରାପଡା** ଜିଲ୍ଲାର ବିଭିନ୍ନ ନଦୀର ଜଳସ୍ତର ବିପଦସଂକେତ ତଳେ ପ୍ରବାହିତ ହେଉଛି । ଆଳି, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ବ୍ଲକ୍ ବନ୍ୟା ଯୋଗୁଁ ବିଶେଷ ପ୍ରଭାବିତ ହୋଇଛି । ବନ୍ୟାଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିବା ସହ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଜିଲ୍ଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ବନ୍ୟାଞ୍ଚଳକୁ ଗସ୍ତ କରି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

## ନିତ୍ୟାନନ୍ଦ ଗଣ୍ଡ

**ରାୟଗଡ଼ା**ଠାରେ ସନ୍ଥ ଶିରୋମଣୀ ଗୁରୁ ରବି ଦାସ ଜୀଙ୍କ ୬୫୦ତମ ଜୟନ୍ତୀ ବର୍ଷ ଉପଲକ୍ଷେ ସମରସ ସଂକଳ୍ପ ଅଭିଯାନରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଛନ୍ତି। ଆୟୋଜିତ ସମ୍ମିଳନୀରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ଜଣାପଡିଛି।

## ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର-ଅନୁଗୁଳ-କଟକକୁ ଯୋଡୁଥିବା ୫୫ ନମ୍ବର ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଓ ତୁରନ୍ତ ମରାମତି ପାଇଁ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ କରିଡର ଭାବେ ୫୫ ନମ୍ବର ଜାତୀୟ ରାଜପଥର ଅବସ୍ଥା, ଲଗାଣ ବର୍ଷା ଓ ଅତ୍ୟାଧିକ ଗାଡିର ଯାତାୟତ ପାଇଁ ନଷ୍ଟ ହୋଇଯାଇଛି। ଏହା ଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହାନ ଚଳାଚଳରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାର ଦୂରବସ୍ଥା ଯୋଗୁଁ ସଡକ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡିବା ସହ ନିତ୍ୟା ବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡକ ପଥର ଅତ୍ୟାବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

## ଝୁଲଣ ଯାତ୍ରା

ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ରାତିରେ **କେନ୍ଦ୍ରାପଡା** ଜିଲ୍ଲା ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ଆରମ୍ଭ ହୋଇଛି। ମନ୍ଦିର ପରିସରରେ ଥିବା ବାସୁଦେବ ମନ୍ଦିରରୁ ଶ୍ରୀଜୀଉଙ୍କ ବିଜେ ପ୍ରତିମା ରାଧାଗୋବିନ୍ଦଙ୍କୁ ବିଭିନ୍ନ ଆଭୂଷଣରେ ସଜ୍ଜିତ କରାଯିବା ପରେ ଝୁଲଣ ମଣ୍ଡପରେ ବିଜେ କରାଯାଇଛି। ଏହି ଝୁଲଣ ଯାତ୍ରା ୭ ଦିନ ଧରି ଚାଲିବ। ପ୍ରତିଦିନ ଝୁଲଣମଣ୍ଡପରେ ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଉତ୍କଳ ସାହିତ୍ୟ ସମ୍ମାନ

ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଚଳିତବର୍ଷର ମର୍ଯ୍ୟାଦାଜନକ ଉତ୍କଳରତ୍ନ ସମ୍ମାନ ପାଇବେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଦାସ ଏହି ବିଷୟ ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଜୟ ସାହୁଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ବିଷ୍ଣୁ ସାହୁଙ୍କୁ ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, କୁମକୁମ୍ ମହାନ୍ତିଙ୍କୁ ବୈଷ୍ଣବ ପାଣି କଳା ସଂସ୍କୃତି ସମ୍ମାନ ପ୍ରଦାନ କରାଯିବ। ଚଳିତ ମାସ ୩୦ ତାରିଖ ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ୧୨୪ତମ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ।

## ସିବିଏସ୍‌ଇ

ସିବିଏସ୍‌ଇ କ୍ଲଷ୍ଟର ପ୍ରତିଯୋଗିତାରେ କରଞ୍ଜିଆ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୩ଟି କାଂସ୍ୟ

ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩୦୦ରୁ ଅଧିକ ବିଦ୍ୟାଳୟର  ୧ ହଜାର ୨୫୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

୧୪ ବର୍ଷରୁ କମ୍ ବର୍ଗରେ ଭାଗ୍ୟସ୍ମିତା ନାୟକ ୪୦୦ ଓ ୬୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣପଦକ ଜିତିଥିବାବେଳେ ୧୯ ବର୍ଷରୁ କମ୍ ବର୍ଗରେ ପବିତ୍ର ପିଙ୍ଗୁଆ ୪୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ, ୧୫୦୦ ମିଟର ଦୌଡ଼ରେ ଜଗନ୍ନାଥ ଜେରାଇ କାଂସ୍ୟପଦକ ଓ ୮୦୦ ମିଟର ଦୌଡ଼ରେ ସ୍ୱାଗତୀ ମୁଣ୍ଡା କାଂସ୍ୟପଦକ ହାସଲ କରିଛନ୍ତି।

## ପାଣିପାଗ

ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲା- କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡିର ଥୁଆମୂଳରାମପୁରଠାରେ ସର୍ବାଧିକ ୩୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ବଂଶଧାରା ଏବଂ ସାଲନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଗତ

ବନ୍ୟାରେ ୭ଟି ଜିଲ୍ଲାର ୧୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି।
ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।